# Telephonic conversation between Prime Minister and Prime Minister of Ethiopia

May 06, 2020

---

# ପ୍ରଧାନମନ୍ତ୍ରୀ ଏବଂ ଇଥିଓପିଆର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନରେ କଥାବାର୍ତ୍ତା

ମଇ 06, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାନ୍ୟବର ଡ଼ା. ଆବି ଅହମ୍ମଦ ଅଲି, ସଙ୍ଘିୟ ଲୋକତାନ୍ତ୍ରିକ ଗଣରାଜ୍ୟ ଇଥିଓପିଆର ପ୍ରଧାନମନ୍ତ୍ରୀଙ୍କ ସହିତ ଆଜି ଟେଲିଫୋନ୍ ରେ କଥାବାର୍ତ୍ତା ହୋଇଛନ୍ତି।

ଭାରତ ଏବଂ ଇଥିଓପିଆ ମଧ୍ୟରେ ଘନିଷ୍ଠ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ଉତ୍କୃଷ୍ଟ ବିକାଶ ଭାଗିଦାରୀକୁ ପ୍ରଧାନମନ୍ତ୍ରୀ ମନେ ପକାଇଛନ୍ତି।

ଦୁଇ ନେତା COVID-19 ମହାମାରୀ ପାଇଁ ସୃଷ୍ଟି ହୋଇଥିବା ଘରୋଇ, ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ୍ ଉପରେ ଆଲୋଚନା କରିଥିଲେ ଏବଂ ସ୍ୱାସ୍ଥ୍ୟ ସଙ୍କଟ ସମୟରେ ପରସ୍ପର ସହିତ ଏକତା ପ୍ରକାଶ କରିଥିଲେ।

ପ୍ରଧାନମନ୍ତ୍ରୀ ଅତ୍ୟାବଶ୍ୟକ ଔଷଧର ଯୋଗାଣକୁ ସୁନିଶ୍ଚିତ କରିବା ଏବଂ ମହାମାରୀର ଆର୍ଥିକ ପ୍ରଭାବକୁ କମ କରିବା ପାଇଁ ଇଥିଓପିଆକୁ ଭାରତୀୟ ସମର୍ଥନ ପାଇଁ ଡକ୍ଟର ଆବି ଅହମ୍ମଦ ଅଲିଙ୍କୁ ଆଶ୍ୱାସନା ଦେଇଛନ୍ତି।

ଭାରତବାସୀଙ୍କ ତରଫରୁ ଏବଂ ନିଜ ପକ୍ଷରୁ ପ୍ରଧାନମନ୍ତ୍ରୀ Covid -19 ବିପକ୍ଷରେ ଲଢେଇରେ ଇଥିଓପିଆର ଲୋକ ମାନଙ୍କ ପାଇଁ ସଫଳତା କାମନା କରିଥିଲେ।

**ନୂଆ ଦିଲ୍ଲୀ**
**ମଇ 06, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.